# Akashvani, Sambalpur

## SAMBALPURI NEWS BULLETIN

### 23 March 2025- 6.47- 6.52 am.

*********************************************

ବିଶ୍ୱ ଜଳ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଜଲ୍ ସଂରକ୍ଷଣ୍ ଆଉ ଜଲ୍ ପରିଚାଳନାଥି ସର୍‌କାର୍‌ଙ୍କର୍ ସବୁନୁ ବଡ଼୍ ଭୂମିକା ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍  ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବିଶ୍ୱ ଜଳ ଦିବସ୍ ପାଳନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ମହାନଦୀକେ ନେଇକରି ଛତିଶ୍‌ଗଡ଼୍ ସାଙ୍ଗେ ରହିଥିବା ଜଳ ବିବାଦ୍‌କେ ଖୋବ୍ ଜଲ୍‌ଦି ସମାଧାନ୍ କରାଯିବା । ଇ ବାବ୍‌ଦେ ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ  ଶହେ ଟା ଚେକ୍‌ଡେମ୍, ୪ ଟା କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ଆଉ ଭିନ୍ ଭିନ୍ ଭୂତଳ ପାଇପ୍‌ଲାଇନ୍ ପ୍ରକଳ୍ପକେ ଲୋକାର୍ପଣ୍ ଆଉର୍ ୧୮ ଟା ବୃହତ୍ ଉଠାଜଲ୍‌ସେଚନ୍ ଯୋଜ୍‌ନାର୍ ଶିଳାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଗୋ-ୱାଟର୍ ଇ.ଆର୍.ପି ର ଶୁଭାରମ୍ଭ

କର୍‌ବାର୍ ସହେତେ ଇ ବାବଦ୍ ସୂଚନା ପୁସ୍ତିକାକେ ଭିଲ୍ ଉନ୍ମୋଚନ୍ କରିଛନ୍ ।

ରାଜ୍ୟର୍ ପ୍ରତିଷ୍ଠା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଲ୍‌ଗା ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ପାଳନ୍ 'ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍'ର ଭାବ୍‌ନାକେ ବର୍‌କସ୍ କର୍‌ବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ରାଜ୍‌ଭବନ୍ ନ ବିହାର୍ ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ ବିହାର୍ ରାଜ୍ୟର୍ ଅଧିବାସୀମାନ୍‌କୁ ଅଭିନନ୍ଦନ୍ ଜନାବାର୍ ସହେତେ ସେମାନ୍‌କର୍ ସୁଖସମୃଦ୍ଧି କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧମ୍

ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଶହୀଦ୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ୍ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ଶିବରାଜ୍ ରାଜ୍‌ଗୁରୁଙ୍କୁ ଫାଶି ଦିଆଯାଇଥିଲା । ସେଦିନ୍‌କେ ଶହୀଦ୍ ଦିବସ୍ ଭାବେ ସାରାଦେଶେ ପାଲନ୍ କରାଯାଉଛେ । ବ୍ରିଟିଶ୍ ଶାସନ୍ ସମିଆଥି ଲାଲା ଲଜ୍‌ପତ୍ ରାୟ ସାଇମନ୍ କମିଶନ୍ ବିରୋଧ୍ ନ ଆନ୍ଦୋଲନ୍ କରୁଥିବାର୍ ବେଲେ ବ୍ରିଟିଶ୍ ପୁଲିସ୍ ମାଡ଼ଥି ଜଖମ୍ ହେଇକରି ଜୀବନ୍ ହରେଇଥିଲେ । ଇ ଘଟ୍‌ନାର୍ ପ୍ରତିଶୋଧ୍ ନେବାର୍ ଲାଗି ସଂଗ୍ରାମୀ ଭଗତ୍ ସିଂ, ସୁଖ୍‌ଦେବ ଥାପର୍ ଆର୍ ଶିବରାଜ ରାଜ୍‌ଗୁରୁ ଆଉ ଝନେ ସଂଗ୍ରାମୀ ଚନ୍ଦ୍ରଶେଖର୍ ଆଜାଦ୍‌ଙ୍କର୍ ସହେତେ ମିଶିକରି ବ୍ରିଟିଶ୍ ପୁଲିସ୍ ଅଧିକାରୀଙ୍କର୍ ଉପ୍‌ରେ ଗୁଲି ଚଲେଇଥିଲେ । ଇତାର୍ ଶୁଣାଣିଥି ତିନ୍‌ହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଝିର୍ ଦିନେ ଫାଶି ଦିଆଯାଇଥିଲା ।

ନିର୍ବାଚନ୍ ରେଜିଷ୍ଟ୍ରେସନ୍ ଅଧିକାରୀ-ବୈଠକ୍ I&PR

ସାରା ଦେଶେ ୪ ହଜାର୍ ଶହେ ୨୩ ଝନ୍ ନିର୍ବାଚନ୍ ରେଜିଷ୍ଟ୍ରେସନ୍ ଅଧିକାରୀ ନିଜର୍ ନିଜର୍ ବିଧାନ୍ସଭା ମଣ୍ଡଲୀ ନ ସର୍ବଦଲୀୟ ବୈଠକ୍ କରୁଛନ୍ । ପୁଲିଂ ବୁଥ୍ ସ୍ତରୀୟ ସମସ୍ୟାର୍ ସମାଧାନ୍ ଲାଗି ଇ ବୈଠକ୍ ହେଉଛେ । ହେଲେ ଇ ମାସ ୩୧ ତାରିଖ୍ତକ୍ ରାଜ୍ୟର୍ ସବୁ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ନ ଇ ବୈଠକ୍ ଶେଷ୍ କର୍ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ଶୀତଲ୍ଷଷ୍ଠୀ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ର ଶୀତଲ୍ଷଷ୍ଠୀ ଯାତ୍ରାକେ ଆହୁରି ଭବ୍ୟ କର୍ବାର୍ ଲାଗି ପହେଲାଥର୍ ଲାଗି ରାଜ୍ୟ ସରକାର୍ ପ୍ରସ୍ତୁତି ମୁଲ୍ କରିଛନ୍ । ଇ ବାବ୍ଦେ ଗଲାକାଏଲ୍ ଭୁବ୍ନେଶ୍ୱର୍ ସଂସ୍କୃତି ଭବନ୍ ନ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । କଟକ୍ ବାଲିଯାତ୍ରା ପଡ଼ିଆ ନ ତିଆର୍ ହେଇଥିବା ଐତିହ୍ୟ ଫାଟକ୍ ବାଗିର୍ ସମ୍ବଲ୍ପୁରେ ଭିଲ୍ ଶୀତଲ୍ଷଷ୍ଠୀ ଫାଟକ୍ ତିଆର୍ ହେବା ଆର୍ ଇଥିର୍ଲାଗି ସର୍କାର୍ଙ୍କର୍ ତର୍ଫୁ ୩୦ ଲାଖ୍ ଟଙ୍କା ଦିଆଯିବା । ଶୀତଲ୍ଷଷ୍ଠୀ ଆୟୋଜନ୍ କରୁଥିବା ତିନ୍ହି ମୁଖିଆ ପଡ଼ା

ନନ୍ଦପଡ଼ା, ଝାଡୁଆପଡ଼ା ଆର୍ ମୁଦିପଡ଼ା ଷଷ୍ଠୀ କମିଟି ମାନ୍‌କୁ ବଡ଼ ଆକାରେ ଆର୍ଥିକ୍ ସାହାଜ୍ ଭିଲ୍ ଦିଆଯିବା  ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ । ବୈଠକ୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର୍ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ବିକଶିତ୍ ଭାରତ୍- ମତାମତ୍           ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ, ଜାତୀୟ ସେବା ବିଭାଗ୍ - ଏନ୍‌ଏସ୍‌ଏସ୍ ଆର୍ ସମ୍ବଲ୍‌ପୁର୍ ନେହେରୁ ଯୁବକେନ୍ଦ୍ର  ତର୍‌ଫୁ ବିକଶିତ୍ ଭାରତ୍ ଲାଗି ମତାମତ୍ ଗ୍ରହଣ୍ କରାଯାଇଛେ । ଇଥି ସମ୍ବଲ୍‌ପୁର୍ ଆର୍ ଝାର୍‌ସୁଗୁଡ଼ା ଜିଲ୍ଲାର୍ ସବୁ ମହାବିଦ୍ୟାଳୟର୍ ବଛା ହେଇଥିବା ଦେଢ଼୍ ଶହ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ଖଡ଼ିଛୁଆଁ ଉତ୍ସବ୍      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବଢ଼ିଗାଁ ଗାଁ ନ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ବିଦ୍ୟାଳୟ ପ୍ରବେଶ୍ ଆଉ ଖଡ଼ିଛୁଆଁ ଉତ୍ସବ୍ ଲାଗି ପ୍ରସ୍ତୁତି କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍

ଯେ, ଆଏବା ମାସ ୨ ତାରିଖ୍‌ନୁ ଜିଲ୍ଲାର୍ ସବୁ ପ୍ରାଥମିକ ଆଉ ଉଚ୍ଚ ପ୍ରାଥମିକ୍ ବିଦ୍ୟାଲୟ ନ ଶିଶୁବାଟିକା ଆଉ ୧ କ୍ଲାସ୍‌ର ବିଦ୍ୟାଲୟ ପ୍ରବେଶ୍ ଉତ୍ସବ୍ ହେବା ।

ପାରା ଏଥ୍‌ଲେଟିକ୍ସ       ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ନ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଏଥ୍‌ଲେଟିକ୍ସଥି ମହିଳା ଏଫ୍. ୫୫ ଜେଭ୍‌ଲିନ୍‌ଥି ଓଡ଼ିଶାର୍ ସୁଚିତ୍ରା ପରିଡ଼ାଙ୍କୁ ସ୍ୱର୍ଣ୍ଣପଦକ୍ ମିଳିଛେ । ସୁଚିତ୍ରା ୧୮ ଦଶ୍‌ମିକ୍ ୫/୭ ମିଟର୍ ଦୂର୍‌କେ ଜେଭ୍‌ଲିନ୍ ଫିଙ୍କିକରି ଇ ସଫଳତା ପାଇଛନ୍ । ଇତାର୍ ଆଘୋନୁ ଓଡ଼ିଶାର୍ ଜୟନ୍ତୀ ବେହେରା ଆର୍ ଜାନ୍‌କୀ ଓରାମ୍ ସ୍ୱର୍ଣ୍ଣ ଆର୍ ରୌପ୍ୟ ପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗାନ ଗଲାକାଏଲ୍ ଜବର୍ ଧୁକାଗର୍ଜି ଆଉ ବର୍ଷା ହେଇଛେ । ସୂଚ୍‌ନା ଅନ୍‌ସାରେ, ସମ୍ବଲପୁର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼ ସହେତେ ରାଜ୍ୟର୍ କେତେଟା ଜିଲ୍ଲା ନ

ଇତାର୍ ବେଶୀ ପ୍ରଭାବ୍ ଦେଖ୍‌ବାର୍‌କେ ମିଳିଛେ । ଧୁକାଗର୍ଦ୍ଦି ଲାଗି ଗଂଜାମ ଜିଲ୍ଲାନ ଝନ୍‌କର ଜୀବନ୍ ଯିବାର ସହେତେ ଜବର୍ ନୁକ୍‌ସାନ ହେଇଛେ ।